## ସଂକ୍ଷେପରେ

### ନାବାଳିକାଙ୍କୁ ନିର୍ଯାତନା, ପ୍ରତାରଣା ଅଭିଯୋଗ

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

ନାବାଳିକାଙ୍କୁ ପ୍ରେମ କରି ଶାରୀରିକ ସମ୍ପର୍କ ରଖିବା ସହ ନିର୍ଯାତନା ଦେଉଥିବା ନେଇ ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ମାମଲା ରୁଜୁ ହୋଇଛି। ସୂଚନାନୁଯାୟୀ, ଆମ୍ବାଗୁଡା ଗ୍ରାମର ଅଭିଯୁକ୍ତ ଲିଭିଙ୍ଗ ହରିଜନ ନାବାଳିକାଙ୍କୁ ପ୍ରେମ କରି ବଳତ୍କାର କରିଥିଲେ। ଏଥିଯୋଗୁ ନାବାଳିକା ଉକ୍ତ ଯୁବକଙ୍କ ସହ ବାହା ହୋଇ ରହୁଥିଲେ। କିଛି ମାସ ରହିବା ପରେ ଲିଭିଙ୍ଗର ଭାଇ ଓ ପରିବାର ଲୋକେ ନାବାଳିକାଙ୍କୁ ନିର୍ଯାତନା ଦେଉଥିଲେ। ନିର୍ଯାତନା ସହି ନ ପାରି ନାବାଳିକାଙ୍କ ମା' ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

### ନାବାଳିକା ନିଖୋଜ

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

ଜୟପୁର ସଦରଥାନା ଅଧୀନ ଖଡ଼ପା ଗ୍ରାମର ଜଣେ ନାବାଳିକା ୨୩ ତାରିଖଠାରୁ ନିଖୋଜ ଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ଅଜା ଚନ୍ଦ୍ର ଭତରା ଲିଖିତ ଭାବେ ଜଣାଇଛନ୍ତି। ନାବାଳିକା ଶୋଇଥିଲେ। କିନ୍ତୁ ସକାଳୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ନାବାଳିକାଙ୍କୁ ନିର୍ଯାତନା ମାମଲାରେ ଜଣେ ଗିରଫ

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

ଜଣେ ନାବାଳିକାଙ୍କୁ ପ୍ରେମ ବିବାହ କରି ନିର୍ଯାତନା ଦେଉଥିବା ଅଭିଯୋଗରେ ଜୟପୁର ମହିଳା ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ସତ୍ୟନାରାୟଣ ବାଘ। ସୂଚନାନୁଯାୟୀ, କୋରାପୁଟ ଜିଲା ରଙ୍ଗବାଲିକୁମ୍ଭ ଅଞ୍ଚଳର ଯୁବକ ଅନ୍ୟ ଏକ ଗ୍ରାମର ନାବାଳିକା ସାଙ୍ଗରେ ୨୦୨୪ରେ ପ୍ରେମ କରି ବିବାହ ପ୍ରଲୋଭନ ଦେଖାଇ ନିର୍ଯାତନା ଦେଉଥିଲେ। ଏ ନେଇ ନାବାଳିକା ମହିଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମହିଳା ଥାନାଧିକାରୀ ଅଶ୍ରୀତା ଖାଲକୋ କହିଛନ୍ତି।

### କାର-ବାଇକ୍ ଧକ୍କା:୪ ଗୁରୁତର

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସଦରଥାନା ଅଧୀନ ବାମୁଣିପୁଟରେ କାର ଓ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୪ ଜଣ ଗୁରୁତର ହୋଇଛନ୍ତି। ଜୟପୁରଠାରୁ ବୈପାରିଗୁଡା ଅଭିମୁଖେ ଯାଉଥିବା ଏକ ବାଇକ୍‌ବିପରୀତ ପଟୁ ଆସୁଥିବା କାର ଧକ୍କା ହୋଇଥିଲା। ଏଥିରେ କାର ରାସ୍ତାକଡରେ ଥିବା ଏକ ଦୋକାନକୁ ବାଜି ଓଲଟି ପଡିଥିଲା। ଦୋକାନ ଘରର କାନ୍ଥ ଭାଙ୍ଗିଯାଇଛି। କାରରେ ଥିବା ୩ ଯାତ୍ରୀ ଗୁରୁତର ହୋଇଛନ୍ତି। ଘଟଣାସ୍ଥଳରୁ କାର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ବାଇକ୍ ଚାଳକ ଓ କାରରେ ଥିବା ୩ଜଣଙ୍କୁ ଉଦ୍ଧାର କରି ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ସଦର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଓଡ଼ିଶାର ଜନଗଣନାକୁ ସହଯୋଗ କରିବା ଉଚିତ: ବିଧାୟକ

■ ଜନଗଣନା କର୍ମଚାରୀଙ୍କୁ ମାଡ଼ ମାରି ୨ ଗିରଫ ଘଟଣା

■ ଆନ୍ଧ୍ର ଆଦିବାସୀ ମନ୍ତ୍ରୀଙ୍କ ଘଟଣାକୁ ନିନ୍ଦା



ଆନ୍ଧ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ସନ୍ଧ୍ୟାରାଣୀ ଜାରି କରିଥିବା ଭିଡିଓ ବାର୍ତ୍ତା।

ପଟ୍ଟାଙ୍ଗି,୨୬।୪(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ କୋଟିଆ ପଞ୍ଚାୟତରେ ଓଡ଼ିଶା ପକ୍ଷରୁ ଜନଗଣନା କରୁଥିବା କର୍ମଚାରୀଙ୍କ ମାଡ଼ ମାରିବା ଉପରସେମିି ଗ୍ରାମର ୨ ବ୍ୟକ୍ତିଙ୍କୁ କୋଟିଆ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। କୋଟିଆ ପଞ୍ଚାୟତରେ ଓଡ଼ିଶାର ୩ ଗ୍ରାମକୁ ନେଇ ଆନ୍ଧ୍ର କରିଥିବା ପଞ୍ଚାୟତର ଲୋକମାନେ ଆନ୍ଧ୍ରର ଆଦିବାସୀ କଲ୍ୟାଣ ମନ୍ତ୍ରୀ ତଥା ସାଲୁର୍ ବିଧାୟିକା ଜି.ସନ୍ଧ୍ୟାରାଣୀଙ୍କୁ ତାଙ୍କ ବାସଭବନରେ ଭେଟି ଗିରଫ ହୋଇଥିବା ୨ ବ୍ୟକ୍ତିଙ୍କ ସମ୍ପର୍କରେ ଓ ଅନ୍ୟ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାକୁ ନେଇ ଉକ୍ତ ରାଜ୍ୟର ଆଦିବାସୀ କଲ୍ୟାଣ ମନ୍ତ୍ରୀ ସନ୍ଧ୍ୟାରାଣୀ ଓଡ଼ିଶା ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଠିକ ନୁହେଁ ଅତି ନିନ୍ଦନୀୟ ବୋଲି କହିଛନ୍ତି। ଓଡ଼ିଶା ପ୍ରଶାସନିକ ଅଧିକାରୀ ପ୍ରକୃତ ଘଟଣା ବୁଝିବା ଉଚିତ୍ ଥିଲା। ଉକ୍ତ ଗ୍ରାମବାସୀ ଯଦି ଆନ୍ଧ୍ର ସହ ରହିବାକୁ ଚାହୁଁଛନ୍ତି ଏଥିରେ ଅସୁବିଧା ରହିଲା କେଉଁଠି ଓ ଏହିପରି ଗିରଫ କରି ସୀମାନ୍ତବାସୀଙ୍କୁ ଭୟଭୀତ କରିବା ଠିକ୍ ହୋଇନାହିଁ ବୋଲି ସେ କହିଛନ୍ତି। ଉଚ୍ଚ ନ୍ୟାୟାଳୟ ପକ୍ଷରୁ ୨ ରାଜ୍ୟକୁ ଟାଟୋସ୍କପ୍ ମ୍ୟାଣ୍ଟେନ୍ କରିବା ଉଚିତ୍ କହିଥିବା କହିଛନ୍ତି। ଘଟଣା ସମ୍ପର୍କରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଚନ୍ଦ୍ର ବାବୁ ନାଇଡୁଙ୍କ ଦୃଷ୍ଟି ଆକର୍ଷଣ କରି ଉଚିତ ପଦକ୍ଷେପ ନିଆଯିବ ବୋଲି ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଥିବା ଜଣାପଡ଼ିଛି। ଘଟଣାକୁ ନେଇ ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ ଆନ୍ଧ୍ର ଓଡ଼ିଶାର ସାନ ଭାଇ, ବଡ଼ ଭାଇକୁ ସମ୍ମାନ ଦେବା ଆବଶ୍ୟକ ଓ ସହଯୋଗ କରିବା ନେଇ ଶିଖିବା ଉଚିତ ବୋଲି କହିଛନ୍ତି। ଓଡ଼ିଶା ପକ୍ଷରୁ କୋଟିଆ ପଞ୍ଚାୟତରେ ଚାଲିଥିବା ଜନଗଣନା କାର୍ଯ୍ୟକ୍ରମକୁ ବିରୋଧ କରୁଥିବା ଲୋକେ ସହଯୋଗ କରିବା ଆବଶ୍ୟକ। ଏହାକୁ ବିରୋଧ କରି କାର୍ଯ୍ୟକ୍ରମରେ ନିୟୋଜିତ ଶିକ୍ଷକମାନଙ୍କୁ ଦୁର୍ବ୍ୟବହାର କରିବା ଠିକ ନୁହେଁ, ଜନଗଣନାରେ ନିୟୋଜିତ ଶିକ୍ଷକମାନଙ୍କୁ ସୁରକ୍ଷା ଯୋଗାଇବା ଆବଶ୍ୟକ ବୋଲି କହିଛନ୍ତି। ଓଡ଼ିଶା ସରକାର ପକ୍ଷରୁ କୋଟିଆ ପଞ୍ଚାୟତରେ ଶିକ୍ଷା ବ୍ୟବସ୍ଥାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ସେବା, ଗମନାଗମନ ଆଦି ମୌଳିକ ସୁବିଧା ତୁଳନାରେ ଆନ୍ଧ୍ର କିଛି କରିପାରିନାହିଁ ବୋଲି ବିଧାୟକ କାଡାମ କହିଛନ୍ତି।

# ମା', ନବଜାତକଙ୍କ ଥଇଥାନ ବ୍ୟବସ୍ଥା କରିବାକୁ ସିଡବ୍ଲ୍ୟୁସିର ତତ୍ପରତା

**୧୪ ବର୍ଷୀୟ ନାବାଳିକା ପ୍ରସବ ଘଟଣା**

ନନ୍ଦପୁର,୨୬।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ପାଡୁଆ ପଞ୍ଚାୟତ ଅଞ୍ଚଳର ଜଣେ ୧୪ ବର୍ଷୀୟା ନାବାଳିକା ଶିଶୁ କନ୍ୟାକୁ ଜନ୍ମ ଦେବା ଘଟଣାର ୨୫ ଦିନ ପରେ ମା' ଓ ନବଜାତ ଶିଶୁଙ୍କୁ ଥାଇଥାନ କରିବାକୁ ଶିଶୁ ସୁରକ୍ଷା ସମିତି(ସିଡବ୍ଲ୍ୟୁସି) ପକ୍ଷରୁ ତତ୍ପରତା ଦେଖାଦେଇଛି। ପୋଲିସ, ସିଡବ୍ଲ୍ୟୁସି ଓ ପ୍ରଶାସନ ପକ୍ଷରୁ ମା'ଓ ଶିଶୁଙ୍କୁ ଥାଇଥାନ କରାଯାଇ ନ ଥିବା ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା କୋରାପୁଟ ଜିଲା ଶିଶୁ ସୁରକ୍ଷା ସମିତି ଅଧକ୍ଷା ଡ.ଗାୟତ୍ରୀ ଦେବୀ ନାବାଳିକା ମା' ଓ ଶିଶୁଙ୍କ ଥଇଥାନ ସହ ଆଇନଗତ ସହାୟତା ଦେବାକୁ ପଦକ୍ଷେପ ଗ୍ରହଣ କରୁଥିବା କହିଛନ୍ତି।

ସୂଚନାନୁଯାୟୀ, ପୀଡ଼ିତା, ତାଙ୍କ ମା' ଓ ନବଜାତ ଶିଶୁଙ୍କୁ ଜିଲା ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନ କରାଯାଇଛି। ପୀଡ଼ିତା ଜଣକ ନବଜାତ ଶିଶୁଙ୍କୁ ଘରେ ଜନ୍ମଦେବା ଓ ସାମାଜିକ କାରଣରୁ ଘଟଣା ସମ୍ପର୍କରେ ଥାନାରେ ଏତଲା ଦେଇ ନ ଥିବା ସୂଚନା ଦେଇଥିଲେ। ସେମାନଙ୍କୁ ଉପଲବ୍ଧ ଆଇନ ନେଇ ସଚେତନ କରାଯାଇଥିଲା। ଶିଶୁ ଯତ୍ନ କେନ୍ଦ୍ରରେ ମା' ଓ ଶିଶୁଙ୍କ ରହିବା ପାଇଁ ସଖୀ କେନ୍ଦ୍ର କର୍ମକର୍ତ୍ତା କାଉନସେଲିଂ କରିଥିଲେ। ନାବାଳିକା ପରିବାର ସହ ରହିବାକୁ ଇଚ୍ଛା ପ୍ରକଟ କରିଥିଲେ। ଏଥିପାଇଁ ତାଙ୍କୁ ଘରକୁ ଛାଡି ଦିଆଯାଇଛି। ପୋକ୍ସୋ ଆଇନ ଅନୁଯାୟୀ ପାଡୁଆ ଥାନାରେ ଏତଲା ଦେବାକୁ ନନ୍ଦପୁର ସିଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପୋଲିସକୁ ଏମ୍ଏଲ୍‌ସି ରିପୋର୍ଟ ଦିଆଯାଇଥିବାରୁ ତୁରନ୍ତ ଥାନାରେ ଏଫ୍ଆଇଆର ରେଜିଷ୍ଟ୍ରେଶନ କରିବାକୁ ପାଡୁଆ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନବଜାତ ଶିଶୁ ଓ ନାବାଳିକାଙ୍କ ସୁରକ୍ଷା ଓ ଯତ୍ନ ନେବାକୁ ସିଡବ୍ଲ୍ୟୁସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଡିସିପିୟୁ ୟୁନିଟର ସାମାଜିକ କର୍ମୀ ପରିବାରର ଆର୍ଥିକ ସ୍ଥିତି ପରଖି ଏସ୍ଆଇଆର ରିପୋର୍ଟ ପ୍ରସ୍ତୁତ କରିବା ସହ କାଉନସେଲିଂ କରୁଛନ୍ତି। ସିଡବ୍ଲ୍ୟୁସିଙ୍କ ନିର୍ଦ୍ଦେଶ ଚିଠି କୋରାପୁଟ ଜିଲାପାଳ, ଏସ୍‌ପି, ଜିଲା ସମାଜ ମଙ୍ଗଳ ଅଧିକାରୀ, ନନ୍ଦପୁର ସିଡିପିଓ ଓ ପାଡୁଆ ଥାନାଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏସଆଇଆର ରିପୋର୍ଟ ପ୍ରସ୍ତୁତ ପରେ ଆଗାମୀ ପଦକ୍ଷେପ ନିଆଯିବ ବୋଲି ଅଧକ୍ଷା ଗାୟତ୍ରୀ ଦେବୀ ସୂଚନା ଦେଇଛନ୍ତି।

# ସେମେଳା ଗ୍ରାମରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମୀ ଓ ଗ୍ରାମବାସୀ।

ନନ୍ଦପୁର,୨୬।୪(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଖୁର୍ଜୀ ପଞ୍ଚାୟତ ସେମେଳା ଗ୍ରାମରେ ବ୍ଲକ ଭାଜପା କର୍ମୀଙ୍କ ପକ୍ଷରୁ ମନ କି ବାତ୍ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମର ସିଧାପ୍ରସାରଣ ହୋଇଥିଲା। ଜିଲା ଏସ୍‌ଡିସି ଅଧ୍ୟକ୍ଷ ଭଗବାନ ମୁଦୁଲି, ଭାଜପା ଜାତୀୟ କାଉନସିଲ ସଦସ୍ୟ ଜୟରାମ ଭୋଇ, ଯୁବ ଭାଜପା ସଦସ୍ୟ ମୋହନ ବୈରାଗୀ, ବୁଥ ସଭାପତି ସତ୍ୟନାରାୟଣ, କମୁକୁ ଲୋଚନ ଗୋଲରି, ମଣ୍ଡଳ ସମ୍ପାଦକ ମାଧବ ମୁଦୁଲି କଣ୍ଡା ଦୋରା ପ୍ରମୁଖ ଗ୍ରାମବାସୀଙ୍କ କଥା ଶୁଣିଥିଲେ। ୨ ବର୍ଷ ତଳେ ଏସ୍‌ଡିସି ସହାୟତାରେ ଆଇଆଇଟି ପଢୁଥିବା ଛାତ୍ର ପାତ୍ର କିର୍ସାନୀଙ୍କ ପରିବାରକୁ ଭେଟି ତାଙ୍କ ପଢ଼ାପଢ଼ି ସମ୍ପର୍କରେ ଅଧ୍ୟକ୍ଷ ମୁଦୁଲି ପଚାରି ବୁଝିଥିଲେ। ଗ୍ରାମବାସୀ ଗ୍ରାମର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ଯୁବଗୋଷ୍ଠୀ ସେମାନଙ୍କ ଭବିଷ୍ୟତ କାର୍ଯ୍ୟ ଓ ପାଠ ପଢ଼ା ନେଇ ଭାଜପା କର୍ମୀଙ୍କୁ ଅବଗତ କରିଥିଲେ। ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାଗୁଡ଼ିକର ସମାଧାନ କରାଯିବ ବୋଲି ଏସ୍‌ଡିସି ଅଧ୍ୟକ୍ଷ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

### ସେକ୍ସ ର୍ୟାକେଟ୍ ଅଭିଯୋଗରେ ମହିଳା ଗିରଫ

୨ ନାବାଳିକା ସମ୍ପୃକ୍ତି ଅଭିଯୋଗ

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

ଜୟପୁର ସରକାରୀ ବସଷ୍ଟାଣ୍ଡ ନିକଟରୁ ସେକ୍ସ ର୍ୟାକେଟ୍ ଅଭିଯୋଗରେ ଟାଉନ ପୋଲିସ ଜଣେ ମହିଳାଙ୍କୁ ଗିରଫ କରିବା ସହ ୨ ନାବାଳିକାଙ୍କୁ ବାଳସୁଧାର ଗୃହକୁ ପଠାଇଛି। ଅଭିଯୁକ୍ତା ହେଲେ ବେଢ଼ାସାହି ଅଞ୍ଚଳର ଶିଳ୍ପା ପଣ୍ଡା। ଜୟପୁର ସହରର କେତେକ ସ୍ଥାନରେ ସେକ୍ସ ରାକେଟ ଚାଲୁଥିବା ଅଭିଯୋଗ ହୋଇଥିଲା। ଏହା ପରେ ଟାଉନ ପୋଲିସ ଶନିବାର ସନ୍ଧ୍ୟାରେ ସରକାରୀ ବସଷ୍ଟାଣ୍ଡରେ ୩ ମହିଳାଙ୍କୁ ସନ୍ଦେହ କରି ଅଟକ ରଖିଥିଲା। ମହିଳା ଏହି ରାକେଟର ମୁଖ୍ୟ ମାଷ୍ଟର ମାଇଣ୍ଡ ବୋଲି ସନ୍ଦେହ କରିଥିଲା। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଆଉ କେତେକ ବ୍ୟକ୍ତି ଏଥିରେ ଜଡ଼ିତ ଥିବା ସନ୍ଦେହ କରୁଛି। ଟାଉନ ପୋଲିସ ମହିଳାଙ୍କୁ କୋର୍ଟ ଚାଲାଣ କରିଛି। ଜଣେ ନାବାଳିକା ମାଲକାନଗିରି ଜିଲାର ଓ ଅନ୍ୟଜଣେ ଖୋର୍ଦ୍ଧା ଜିଲାର ବୋଲି ଟାଉନଥାନା ଏସ୍ଆଇ ସିଦ୍ଧାର୍ଥ ବେହେରା ପ୍ରକାଶ କରିଛନ୍ତି।

### ମଲିକେଶ୍ୱର ମନ୍ଦିର ଦାନହୁଣ୍ଡି ଭାଙ୍ଗି ଲୁଟ

ଗଞ୍ଜାମ,୨୬।୪(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ୍ ସନ୍ତୋଷପୁର ପଞ୍ଚାୟତ ସାନଗୋପାଳପୁର ଗ୍ରାମରେ ଥିବା ବାବା ମଲିକେଶ୍ୱର ମନ୍ଦିର ହୁଣ୍ଡି ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଟଙ୍କା ଲୁଟି ନେଇଛନ୍ତି। ରବିବାର ସକାଳୁ ପୂଜକ ଆସି ମନ୍ଦିର ଖୋଲିଲା ବେଳେ ତାଲା ଭାଙ୍ଗିଥିବା ଏବଂ ଜିନିଷ ପଡିଥିବା ଦେଖି ମନ୍ଦିର ପରିଚାଳନା କମିଟିସଦସ୍ୟଙ୍କୁ ଡକାଇଥିଲେ। ସମସ୍ତେ ଆସିଲା ପରେ କମିଟି ପକ୍ଷରୁ ରମ୍ଭା ଥାନାରେ ଏତଲା ଦେଇଥିଲେ। ରମ୍ଭା ଥାନାଧିକାରୀ କୁମାର ମୁଦୁଲି ତଦନ୍ତ ଆରମ୍ଭ କରିଛନ୍ତି। ହୁଣ୍ଡିରେ ପ୍ରାୟ ୨୦ ହଜାରରୁ ଅଧିକ ଟଙ୍କା ଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

# ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋରାପୁଟ, ୨୬।୪ (ଅମିତାଭ ବେହେରା)

କୋରାପୁଟ କୋଟ୍‌ସସ୍ଥିତ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଇଗ୍ନୋ) ପାଠ୍ୟକେନ୍ଦ୍ରରେ ଜାନୁଆରୀ ଚକ୍ର ପାଇଁ ନୂତନ ଛାତ୍ରୀଛାତ୍ରଙ୍କ ଅଧିଗ୍ରହଣ ଉତ୍ସବ କୋଟସ ସେମିନାର ହଲ୍‌ରେ ରବିବାର ଅନୁଷ୍ଠିତ ହୋଇଯାଇଛି। କୋଟସ ନିର୍ଦ୍ଦେଶକ ଡା. ପ୍ରଫୁଲ୍ଲଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ପ୍ରାଧ୍ୟାପକ ତଥା ଇଗ୍ନୋ ପାଠ୍ୟକେନ୍ଦ୍ରର ସଂଯୋଜକ ଡ. ନରେନ୍ଦ୍ର କୁମାର ରଥ ବିବରଣୀ ପାଠ କରିଥିଲେ। ଅରୁଣାଚଳ ପ୍ରଦେଶ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ମାଗୁଣି ଚରଣ ବେହେରା ଇଗ୍ନୋ ପାଠ୍ୟକ୍ରମକୁ ସମୟୋପଯୋଗୀ ଓ ଉଚ୍ଚମାନର ଶିକ୍ଷା ବ୍ୟବସ୍ଥା ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ସହନିର୍ଦ୍ଦେଶକ ମାଧବ କୁମାର ବିଶୋୟୀ, କୋଟସ ପ୍ରଫେସର ଜଗବନ୍ଧୁ ସାମଲ, ଡ. ରଘୁ ପ୍ରସାଦ ସାହୁ ଓ ସଭାପତି ପ୍ରଫେସର ପି.ସି. ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସହସଂଯୋଜକ ଡ. ସାବିତ୍ରୀ ମାଝୀ ଧନ୍ୟବାଦ ଦେଇଥିଲେ।

# ଆଦିବାସୀ ବିକାଶ ପରିଷଦ ସଭାଗୃହ ଉଦ୍‌ଘାଟନ



କାର୍ଯ୍ୟକ୍ରମରେ ଉପସ୍ଥିତ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟମାନେ।

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ସାନକାଉଡି ଗ୍ରାମରେ ପେଣ୍ଡିଆ-ହଲବା ଆଦିବାସୀ ବିକାଶ ପରିଷଦର ସଭାଗୃହ ରବିବାର ଉଦ୍‌ଘାଟିତ ହୋଇଛି। ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଥିଲେ। ଚଇତ ପରବ ଭେଟଘାଟରେ ସେ ଯୋଗଦେଇ ଆଦିବାସୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବ୍ଲକ ଅଧକ୍ଷା ତିଳୋତ୍ତମା ମୁଦୁଲି, ଜିଲା ପରିଷଦ ସଭ୍ୟା ରଶ୍ମି ରଥ, କଂଗ୍ରେସ ବ୍ଲକ ସଭାପତି ବସନ୍ତ ନାୟକ, ହଲବା ସମାଜ ସଭାପତି ପୀତବାସ ହାଲବା, ସମ୍ପାଦକ ଆନନ୍ଦ ହଲବା ଓ ୧୨ ଆଦିବାସୀ ସମାଜ ସଭାପତି ଉପସ୍ଥିତ ଥିଲେ।

# ଆରମ୍ଭ ହେବ ମା' ମୁତ୍ୟାଲୁମାଙ୍କ ନବଦିନ ଘଟଯାତ୍ରା

କୋରାପୁଟ,୨୬।୪(ଅମିତାଭ ବେହେରା)

କୋରାପୁଟ ସହରରେ ମା' ମୁତ୍ୟାଲୁମାଙ୍କ ନବଦିନ ଘଟଯାତ୍ରା ଆରମ୍ଭ ହେବ। ଏଥିପାଇଁ ମା'ଙ୍କ ପୁଟିଲାସାହିସ୍ଥିତ ଅସ୍ଥାୟୀ ମଣ୍ଡପ ସମେତ ବସ୍‌ଷ୍ଟାଣ୍ଡ, ପୋଷ୍ଟ ଅଫିସ ରୋଡ ଆଦି ବିଭିନ୍ନ ସ୍ଥାନରେ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଚଳିତବର୍ଷ କୋରାପୁଟ ଟାଉନ ପୂଜା କମିଟି ପକ୍ଷରୁ କରାଯାଉଥିବାରୁ ମା'ଙ୍କ ଆବାହନ ପାଇଁ ରାଜ୍ୟ ଓ ବାହାରୁ ବିଭିନ୍ନ ବାଜା, ନୃତ୍ୟ ଦଳ ସହ ଆତସବାଜି ସହ ଶହ ଶହ ଭକ୍ତଙ୍କ ସମାଗମ ହେବ। ସୋମବାର ସହରର ଟିକିରାସାହିସ୍ଥିତ ସ୍ଥାୟୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିଶାଳ ଶୋଭାଯାତ୍ରାରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପକୁ ଅଣାଯିବ। ମଙ୍ଗଳବାରଠାରୁ ମା' ପ୍ରତି ସନ୍ଧ୍ୟାରେ ସହରର ବିଭିନ୍ନ ସାହି ପରିଦର୍ଶନ କରିବେ ବୋଲି ଟାଉନ ପୂଜା କମିଟି ପକ୍ଷରୁ କୁହାଯାଇଛି।

# ଜୟପୁରରେ ଆଧ୍ୟାତ୍ମିକ ସମାବେଶ

ଜୟପୁର,୨୬।୪(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଦଶହରା ପଡ଼ିଆରେ ଆଧ୍ୟାତ୍ମିକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ଜଗନ୍ନାଥ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ଦଶହରା ପଡ଼ିଆରେ ପହଞ୍ଚିଥିଲା। ଏଥିରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ମାଛ ସଂକୀର୍ତ୍ତନ କରିଥିଲେ। ବିଧାୟକ ବାହିନୀପତି ଜୟପୁରରେ ଏକ ଲୋକକଳା ଭବନ ନିର୍ମାଣ କରିବାକୁ ଘୋଷଣା କରିଛନ୍ତି। କୋରାପୁଟ ବିଧାୟକ ମାଛ ଲୋକକଳା ପାଇଁ ବାଦ୍ୟଯନ୍ତ୍ର, ପେନ୍‌ସନ ଓ ଭାଗବତ ଟୁଙ୍ଗି ବ୍ୟବସ୍ଥା କରିବାକୁ ଘୋଷଣା କରିଥିଲେ। ଶୋଭାଯାତ୍ରା ଓ ସମାବେଶରେ ଜିଲାର ୧୪ ବ୍ଲକ, ୪ ଏନ୍ଏସି ଓ ପୌରାଞ୍ଚଳର ହଜାର ହଜାର ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଲୋକକଳା ପରିଷଦ ରାଜ୍ୟ ସଭାପତି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ସଭାପତି କୃଷ୍ଣଚନ୍ଦ୍ର ପାଳ, ଜିଲା ସମ୍ପାଦକ ସୁଜିତ୍ କୁମାର ସାହୁ, ଉପସଭାପତି ରତ୍ନାକର ନାରାଜୀ, ବାବୁ ଭାଇ ବଜରଙ୍ଗୀ, ଧୀରେନ ମୋହନ ପଟ୍ଟନାୟକ ଓ ଲଙ୍ଗରାଜ ନିଶଙ୍କ ପ୍ରମୁଖ ଉପସ୍ଥିତ ଥିଲେ।



ସଂକୀର୍ତ୍ତନ ମଣ୍ଡଳୀ ଶୋଭାଯାତ୍ରା କରୁଛନ୍ତି।

# 'କୃଷ୍ଣଚନ୍ଦ୍ର ଗଜପତିଙ୍କ ଆଦର୍ଶ ସମାଜ ପାଇଁ ପ୍ରେରଣାର ସ୍ରୋତ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

କୋରାପୁଟ,୨୬।୪
(ଅମିତାଭ ବେହେରା)

କୋରାପୁଟ ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ମ୍ୟୁନିସିପାଲିଟି ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ଏସ୍‌ଡିପିଆର ରାଧାମଣୀ ସରକାର, ସାମାଜିକ କର୍ମୀ ଲଳିତ ମୋହନ ପଟ୍ଟନାୟକ, ମନୋଜ ଆଚାର୍ଯ୍ୟ, ଅଲିଭା ବେହେରା, ଦେବାଶ୍ରିତ ପଟ୍ଟନାୟକ ଓ ଅଧ୍ୟାପକ ରବି ଶତପଥୀ ଉପସ୍ଥିତ ଥିଲେ। ଓଡ଼ିଶା ଗଠନରେ ତାଙ୍କର ଭୂମିକା, ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କରିଥିବା କାର୍ଯ୍ୟ ନେଇ ଉଲ୍ଲେଖ କରାଯାଇଥିଲା। କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆ ଜାତିର ଗର୍ବ ଓ ତାଙ୍କର ଆଦର୍ଶ ସମାଜ ପାଇଁ ପ୍ରେରଣାର ସ୍ରୋତ ହୋଇରହିଛି। ତାଙ୍କ ଜୀବନ ଓ କାର୍ଯ୍ୟରୁ ପ୍ରେରିତ ହୋଇ ଯୁବପିଢ଼ି ଆଗକୁ ବଢ଼ିବାକୁ ଆହ୍ୱାନ କରାଯାଇଛି।

## କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ

ଜୟପୁର,(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୫ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ଜୟପୁର ଶ୍ରମ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। କୋରାପୁଟ ଜିଲା ଶାଖା ପକ୍ଷରୁ ଅତିଥିମାନେ ଗଜପତିଙ୍କ ସ୍ମୃତିଚାରଣ କରି ତାଙ୍କ ଜୀବନୀ ଓ ଅବଦାନ ସମ୍ପର୍କରେ କହିଥିଲେ। ସ୍ମୃତିସଭାରେ ସଭାପତି ମଦନ ମୋହନ ନାୟକଙ୍କ ପୌରହିତ୍ୟରେ କବିରାଜ ପରମେଶ୍ୱର ପାତ୍ର ସଂଯୋଜନା କରିଥିଲେ। ଏଥିରେ ଉପଦେଷ୍ଟା ବିଦୋନ ମହାପାତ୍ର, ପୂର୍ବତନ ପୌର ଉପାଧକ୍ଷ ସୂର୍ଯ୍ୟନାରାୟଣ ରଥ, ଡାକ୍ତର ସୁଦର୍ଶନ ଗୌଡ଼, ସମ୍ପାଦକ ନବୀନ ମାଦଳା, ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼, କୋଷାଧକ୍ଷ ନରେଶ ମହାକୁଳ, ପୂଜ୍ୟପୂଜା ସଂସଦ ପକ୍ଷରୁ କେଦାର ନାଥ ବେହେରା, ଉଦୟ ଚରଣ ଜାନୀ ପ୍ରମୁଖ ଯୋଗଦେଇଥିଲେ।



**ସଂକ୍ଷେପରେ**

## ରତ୍ନଭଣ୍ଡାରରୁ ୩ ରତ୍ନ ଚୋରି ଅଭିଯୋଗ

ଭଞ୍ଜନଗର ଥାନାରେ କଂଗ୍ରେସର ଏତଲା

**ଭଞ୍ଜନଗର, ୨୬।୪ (ବାବୁଲା ପ୍ରଧାନ)**

ଶ୍ରୀମନ୍ଦିର ରତ୍ନଭଣ୍ଡାରରୁ ୩ଟି ଦୁର୍ମୂଲ୍ୟ ରତ୍ନ ଅଳଙ୍କାର ଚୋରି ହୋଇଥିବା ନେଇ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଗଞ୍ଜାମ ଜିଲା କଂଗ୍ରେସ (ପଶ୍ଚିମ) ପକ୍ଷରୁ ସଭାପତି ବି. ଦଣ୍ଡପାଣି ପାତ୍ରଙ୍କ ନେତୃତ୍ୱରେ ଏ ନେଇ ଶନିବାର ଭଞ୍ଜନଗର ଥାନାରେ ଏତଲା ଦିଆଯାଇଛି। ଏତଲାରେ ଦର୍ଶାଯାଇଛି ଯେ, ଶ୍ରୀମନ୍ଦିର ଆମ ଓଡ଼ିଆଙ୍କର ପରିଚୟ ଓ ପ୍ରାଣକେନ୍ଦ୍ର। ମହାପ୍ରଭୁ ଶ୍ରୀଜଗନ୍ନାଥ କୋଟି ଓଡ଼ିଆଙ୍କ ମଉଡ଼ମଣି ହୋଇଥିବାରୁ ଏହି ଚୋରି କଥା ଶୁଣି ଜଗନ୍ନାଥ ପ୍ରେମୀଙ୍କ ଧାର୍ମିକ ଭାବନାକୁ ଗଭୀର ଆଘାତ ଲାଗିଛି । ଜଣେ ନ୍ୟାୟମୂର୍ତ୍ତିଙ୍କ ତତ୍ତ୍ୱାବଧାନରେ ରତ୍ନଭଣ୍ଡାର ଗଣତିମଣତି ହେଉଥିବା ବେଳେ ସେ ନିଜେ ୩ଟି ବହୁମୂଲ୍ୟ ରତ୍ନ ଅଳଙ୍କାର ହଜିଛି ବୋଲି କହୁଥିବା ସମୟରେ ଶ୍ରୀମନ୍ଦିର ପ୍ରଶାସନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ରତ୍ନଭଣ୍ଡାର ସୁରକ୍ଷିତ ଅଛି ବୋଲି ସତ୍ୟପାଠ ଦାଖଲ କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି କଂଗ୍ରେସ ନେତା ପ୍ରଶ୍ନ କରିଛନ୍ତି। ତେଣୁ ଏହାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୨୯୯, ୩୦୩, ୩୫୧ ଓ ୩ (୫) ଧାରା ମତେ ମାମଲା କରି ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଜିଲା କଂଗ୍ରେସ କମିଟି ଦାବି କରିଛି।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍, ବର୍ତ୍ତିଲେ ୩ ଯାତ୍ରୀ

**ଖଜୁରିପଡ଼ା, ୨୬।୪ (ବିଦୁର ବେହେରା)**

ଖଜୁରିପଡ଼ା ଥାନା ଦୂତିମେଣ୍ଡି ନିକଟସ୍ଥ ଖୋଲ ସାହିଠାରେ ରବିବାର ଅପରାହ୍ଣରେ ଏକ କାର୍ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଛି। ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯିବା ସହ କାର୍‌ରେ ବସିଥିବା ୩ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ଖଜୁରିପଡ଼ା ପଟରୁ କାର୍‌ଟି ଫୁଲବାଣୀ ଅଭିମୁଖେ ଯାଉଥିବା ବେଳେ ଦୂତିମେଣ୍ଡି ଖୋଲସାହି ନିକଟରେ ହଠାତ୍ ଗାଡ଼ିର ପଛଚକ ଫାଟିଯିବାରୁ ଚାଳକ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଥିଲା। ଗାଡ଼ିରେ ବସିଥିବା ରୁଜାଙ୍ଗି ଗ୍ରାମର ଆନନ୍ଦେଶ୍ୱର ଠାକୁର, ଅଜୟ ପ୍ରଧାନ ଏବଂ ଦେବେନ୍ଦ୍ର ପ୍ରଧାନ ବର୍ତ୍ତି ଯାଇଛନ୍ତି। ଏହି ୩ ଯାତ୍ରୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରିଛନ୍ତି। ଘଟଣା ସମ୍ପର୍କରେ ସୂଚନା ପାଇ ଖଜୁରିପଡ଼ା ଥାନା ଏସ୍‌ଆଇ ଦୀନବନ୍ଧୁ ପ୍ରଧାନଙ୍କ ସମେତ ପୋଲିସ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ



ଗିରଫ ଲିଟୁ ପାତ୍ର।

**ବ୍ରହ୍ମପୁର, ୨୬।୪ (ସୁବାସ ଚନ୍ଦ୍ର ପାଢ଼ୀ)**

ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଗୋସାଇଁନୂଆଗାଁ ପୋଲିସ ଅଭିଯୁକ୍ତଙ୍କୁ ବାନ୍ଧିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗରର ଲିଟୁ ଓରଫ ଲିଟୁ ପାତ୍ର (୩୩)। ପୋଲିସ ତାଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଖଣ୍ଡା ଜବତ କରିଛି। ମାମଲା ନଂ.୧୪୬/୨୬ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗତ ୨୩ ରାତ୍ର ଚଣ୍ଡୀ ମନ୍ଦିର ସାହିରେ ବାପି ଦାସ (୩୨) ବସିଥିବା ବେଳେ ୧୦/୧୨ ଯୁବକ ସେଠାରେ ପହଞ୍ଚି ଥିଲେ। ସେମାନେ ବାପି ସହ ଝଗଡା କରିବା ସହ ସେଠାରେ ତାଙ୍କୁ ଖଣ୍ଡା ଓ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ବାପି ସୁସ୍ଥ ହେବା ପରେ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଉକ୍ତ ଭିଯୁକ୍ତଙ୍କୁ ରବିବାର କାବୁ କରିଥିଲା।

# ପୂର୍ଣ୍ଣ ଚିକିତ୍ସା କରାଇଲେ ମ୍ୟାଲେରିଆରୁ ବର୍ତ୍ତିହେବ



ମ୍ୟାଲେରିଆମୁକ୍ତ ମାଲକାନଗିରି ଗଠନ ପାଇଁ ସମସ୍ତେ ଶପଥ ନେଉଛନ୍ତି।

**ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ**

■ ମ୍ୟାଲେରିଆମୁକ୍ତ ମାଲକାନଗିରି ଗଠନ କରିବାକୁ ଶପଥପାଠ

**ମାଲକାନଗିରି, ୨୬।୪ (ଦୁର୍ଯ୍ୟୋଧନ ପାତ୍ର)**

ଜିଲା ସ୍ୱାସ୍ଥ୍ୟ ସମିତି ଓ ପିରାମଲ୍ ଫାଉଣ୍ଡେଶନର ମିଳିତ ସହଯୋଗରେ ରବିବାର ବିଶ୍ୱ ମ୍ୟାଲେରିଆ ଦିବସ ୨୦୨୬ ଜିଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ମ୍ୟାଲେରିଆ ମୁକ୍ତ ମାଲକାନଗିରିର ପଥକୁ ସୁଦୃଢ଼ କରିବାକୁ ନେଇ ଆଲୋଚନା ହୋଇଥିଲା। ମ୍ୟାଲେରିଆ ନିମିତ୍ତ ଆଗୁଆ ଚିକିତ୍ସା ଏବଂ ପୂର୍ଣ୍ଣ ଚିକିତ୍ସା ଉପରେ ଆଲୋଚନା କରାଯାଇଛି। ଉପଖଣ୍ଡ ଏବଂ ପଞ୍ଚାୟତ ସ୍ତରରେ ତଥ୍ୟ ବିଶ୍ଳେଷଣ ସହ ଅତ୍ୟଧିକ ମ୍ୟାଲେରିଆପ୍ରବଣ କ୍ଷେତ୍ର ଚିହ୍ନଟ କରିବାରୁ ୨୦୨୬-୨୦୨୭ ପାଇଁ ଲକ୍ଷ୍ୟଭିତ୍ତିକ ଯୋଜନା କରିବାକୁ ସହାୟକ ହେଲା ବୋଲି କୁହାଯାଇଛି। ସଚେତନତା ଅଭିଯାନ, ଔଷଧୀୟ ମଶାରି ବ୍ୟବହାର ସମୟରେ ପରୀକ୍ଷା କରିବା ଏବଂ ଠିକ୍ ସମୟରେ ଚିକିତ୍ସା ଦ୍ୱାରା ମ୍ୟାଲେରିଆ ରୋକାଯାଇପାରିବ ବୋଲି ସ୍ୱାସ୍ଥ୍ୟ ଏବଂ ପିରାମାଲ ଫାଉଣ୍ଡେଶନ ଅଧିକାରୀମାନେ ଲୋକଙ୍କୁ ବୁଝାଇଥିଲେ। ସମସ୍ତେ ମ୍ୟାଲେରିଆମୁକ୍ତ ମାଲକାନଗିରି ଗଠନ କରିବାକୁ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ଆଶା କର୍ମୀ, ଶିକ୍ଷକ, ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ, ନର୍ସିଂ ଛାତ୍ରୀଛାତ୍ର ଏବଂ ପିରାମଲ ଫାଉଣ୍ଡେସନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଏଣିକି ସୋମବାର ପ୍ରତି ପଞ୍ଚାୟତରେ ଜନଶୁଣାଣି

**ମାଲକାନଗିରି, ୨୬।୪ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏବେ ପ୍ରତି ସୋମବାର ଜିଲାର ପ୍ରତି ପଞ୍ଚାୟତରେ ଜନ ଶୁଣାଣି କରାଯିବ। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଜିଲାପାଳ ଏବଂ ଏସ୍‌ପି ନିଜେ ନିର୍ଦ୍ଧାରିତ ପଞ୍ଚାୟତଗୁଡ଼ିକରେ ଉପସ୍ଥିତ ରହି ମିଳିତ ଅଭିଯୋଗ ଶୁଣାଣି କରିବେ। ସେହିପରି ସେହି ଦିନ ଏକା ସମୟରେ ଅନ୍ୟ ପଞ୍ଚାୟତଗୁଡିକରେ ଯେଉଁଠାରେ ଜିଲାପାଳ ଓ ଏସପି ନ ଯାଇଛନ୍ତି ବିଡିଓମାନେ ଶୁଣାଣିର ନେତୃତ୍ୱ ନେବେ। ଜିଲା ସଦର ମହକୁମାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କ ନିକଟରେ ଜନସାଧାରଣ ନିଜର ଅଭିଯୋଗ ଜଣାଇ ପାରିବେ। ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ତହସିଲଦାର, ପୋଲିସ ବିଭାଗ ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଶିବିରରେ ଉପସ୍ଥିତ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଦୁର୍ଗମ ଅଞ୍ଚଳର ଲୋକମାନେ ଯେପରି ସହଜରେ ସରକାରୀ ସେବା ପାଇପାରିବେ, ସେଥିପାଇଁ ଏହାକୁ ଏକ ଜରୁରୀକାଳୀନ କାର୍ଯ୍ୟଭାର ଭାବେ ଗ୍ରହଣ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ

**ମାଲକାନଗିରି, ୨୬।୪ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସଦରମହକୁମାର ପୂର୍ବତନ ବୋର୍ଡ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉତ୍କଳ ସମ୍ମିଳନୀ ଆନୁକୂଲ୍ୟରେ ରବିବାର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ପାଳିତ ହୋଇଛି। ସଭାପତି ଦୁଷ୍ମନ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ବାଲାରାଜୁ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ମାଲକାନଗିରି ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗର ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳେଇ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଡ. ସରୋଜ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ ଦୀପ ପ୍ରଜ୍ୱଳନ କରି ତାଙ୍କର ସଂକ୍ଷିପ୍ତ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଉତ୍କଳ ସମ୍ମିଳନୀ ଶାଖା ସଭାପତି ଡ. ରଞ୍ଜନ ସ୍ୱାଇଁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ତାରକ ମଣ୍ଡଳ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା, ଉପସଭାପତି ସୁରେନ୍ଦ୍ର ମଲ୍ଲିକ ଓ ବାବାଜୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଅତିଥି ଓ ଅନ୍ୟମାନେ।

# ଭାଜପାର ମହିଳା ଜନ ସମାବେଶ



ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ନାରୀଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ**

**ମାଲକାନଗିରି, ୨୬।୪ (ଗୌରିଶଙ୍କର ପଣ୍ଡା)**

ସଂସଦରେ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ବିରୋଧ କରିଥିବା କଂଗ୍ରେସ ଓ ବିଜେଡି ବିରୋଧରେ ମାଲକାନଗିରିରେ ଭାଜପା ପକ୍ଷରୁ ମହିଳା ଜନ ଆକ୍ରୋଶ ସମାବେଶ ଓ କୁଶପୁତ୍ତଳିକା ଦାହ କରାଯାଇଛି। ଜିଲାରେ ଶତାଧିକ ମହିଳାଙ୍କ ସହଭାଗିତାରେ ପ୍ରତିବାଦ କରାଯାଇଛି। ମାଲକାନଗିରି ବ୍ଲକ ପଡ଼ିଆରୁ ପଦଯାତ୍ରା ବାହାରି କଂଗ୍ରେସ ଭବନ ଯାଏ ଆୟୋଜିତ ହୋଇଥିଲା। ମାଲକାନଗିରି ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନରସିଂହ ମାଡକାମି, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ସୋଡ଼ି, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସନ୍ତୋଷିନୀ ପାତ୍ର, ଜିଲା ସମ୍ପାଦିକା ସବିତା ମିଶ୍ର, ପୂର୍ବତନ ଜିଲା ପରିଷଦ ସଦସ୍ୟା ଶାନ୍ତିଲତା ମାଝୀ, ଭାଜପା ନେତ୍ରୀ ଦେବୀ ମାଢ଼ି, ମହିଳା ମୋର୍ଚ୍ଚା ସମ୍ପାଦିକା ବେନି କାର୍ତ୍ତୁଲ ପ୍ରମୁଖ ସମାବେଶରେ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନାରୀ ଶକ୍ତି ବନ୍ଦନ ଅଧିନିୟମ ଆଗତ କରି ମାତୃଶକ୍ତିଙ୍କୁ ସମସ୍ତ କ୍ଷେତ୍ରରେ ୩୩% ଆରକ୍ଷଣ ପ୍ରଦାନ କରିବାକୁ ଚାହୁଁଛନ୍ତି। କିନ୍ତୁ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ଓ ବିଜେଡି ମିଳିମିଶି ବିଲ୍‌କୁ ବାଧା ଦେଇ ମା'ମାନଙ୍କ ସହଭାଗିତାକୁ ତୁଚ୍ଛ କରିଛନ୍ତି ବୋଲି ସମାବେଶରେ କହିଛନ୍ତି। ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ ଆଭିମୁଖ୍ୟକୁ ତୀବ୍ର ନିନ୍ଦା କରୁଛୁ। ଆଗାମୀ ନିର୍ବାଚନରେ ମହିଳାମାନେ ଏହି ବିରୋଧୀ ଦଳଗୁଡ଼ିକୁ ଉଚିତ୍ ଜବାବ ଦେବେ ବୋଲି କୁହାଯାଇଛି। ଶୋଭାଯାତ୍ରା କଂଗ୍ରେସ ଭବନ ସମ୍ମୁଖରେ ପହଞ୍ଚି ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

## କାର୍- ବସ୍ ମୁହାଁମୁହିଁ ଧକ୍କା, ବର୍ତ୍ତିଲେ ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ



**ବାଲିଗୁଡ଼ା, ୨୬।୪ (ସଞ୍ଜୟ କୁମାର ପାଣିଗ୍ରାହୀ)**

ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ଥାନା ପାଇବର ସାହି ନିକଟରେ କାର-ବସ୍ ମୁହାଁମୁହିଁ ଧକ୍କା ହୋଇଛି। ବସରେ ଥିବା ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଫୁଲବାଣୀରୁ ମୋହନଗିରୀ ଅଭିମୁଖେ ଯାଉଥିବା ମା' ତାରିଣୀ ନାମକ ବସ୍‌ଟି ପାଇବର ସାହି ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଦୀପକ ନାମକ ଘରୋଇ ବସକୁ କାରଟି ଓଭରଟେକ କରିଥିଲା। କାରକୁ ଦେଖି ମା' ତାରିଣୀ ବସର ଡ୍ରାଇଭର ହଠାତ ବ୍ରେକ ମାରିବାରୁ ଗାର୍ଡୱାଲରେ ବସ ପିଟି ହୋଇଥିଲା। ତେବେ ଦୁର୍ଘଟଣାରେ ବସରେ ବସିଥିବା ସମସ୍ତ ଯାତ୍ରୀ ଓ କାର ଡ୍ରାଇଭର ସମସ୍ତେ ସୁରକ୍ଷିତ ଥିବା ଜଣାପଡିଛି। ଖବର ପାଇ କ.ନୂଆଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସୁଧାର ଗୃହକୁ ଗଲେ ୨ ନାବାଳକ

ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ ଘଟଣା

**ହିଞ୍ଜିଳିକାଟୁ, ୨୬।୪ (ଦ୍ୱିତୀକୃଷ ପଣ୍ଡା)**

ହିଞ୍ଜିଳିକାଟୁ ବସ୍ ଟର୍ମିନାଲ ପରିସରରେ ଶନିବାର ସକାଳେ ଏକ ଘରୋଇ ବସ୍ କଣ୍ଡକ୍ଟରଙ୍କୁ ଆକ୍ରମଣ କରିବା ସହ ସୁନା ଚେନ ଓ ଟଙ୍କା ଲୁଟ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ପୌରାଞ୍ଚଳର ୨ ଜଣ ନାବାଳକଙ୍କୁ ହିଞ୍ଜିଳି ପୋଲିସ ବ୍ରହ୍ମପୁର ବାଳସୁଧାର ଗୃହକୁ ପଠାଇଛି। ଏନେଇ କେଶ୍ ନଂ. ୨୬୩/୨୬ରେ ଏକ ମାମଲା ରୁଜୁ ହୋଇଛି।

## ଆମ୍ବ ଉତ୍ସବ ଉଦ୍‌ଯାପିତ

**ମାଲକାନଗିରି, ୨୬।୪ (ଗୌରିଶଙ୍କର ପଣ୍ଡା)**

ମାଲକାନଗିରି ଜିଲା କୁରୁୱାଡା ଗ୍ରାମର ଦୁଆରି ପରିବାର ପକ୍ଷରୁ ଆମ୍ବ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ନିକଟରେ ଥିବା ଜନଜାତିଙ୍କ ସହ ମିଶି ସେମାନଙ୍କ ପରମ୍ପରାକୁ ସମ୍ମାନ ଦେଇ ଆମ୍ବଖିଆ ପର୍ବ ପାଳିତ ହୋଇଛି। ଏହି ଉତ୍ସବ ମହର୍ଷି ବାଲ୍ମୀକି ଓ ପରିବାରର ପୂର୍ବଜମାନଙ୍କୁ ସ୍ମରଣ କରିବା ସହ ତାଙ୍କର ଆଶୀର୍ବାଦ ଲାଭ କରିବାର ଏକ ପବିତ୍ର ଅବସର ବୋଲି କୁହାଯାଇଛି। ଏହି ଅବସରରେ ପରିବାରର ଆରାଧ ଦେବୀ ମୁତ୍ୟାଲମ୍ମା ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଦୁଆରି ପରିବାର ପକ୍ଷରୁ ଉତ୍ସବ ପ୍ରତିବର୍ଷ ନିରବଚ୍ଛିନ୍ନ ଭାବେ ପାଳନ କରାଯାଉଛି। ଉତ୍ସବ ପାରିବାରିକ ଏକତାକୁ ମଜଭୁତ କରିବା ସହ ପାରମ୍ପରିକ ସଂସ୍କୃତିକୁ ଅତୁଟ ରଖିବାରେ ଗୁରୁତ୍ୱ ରଖେ।



ଉତ୍ସବରେ ଆମ୍ବପୂଜା କରାଯାଉଛି।

## ଜିରାଙ୍ଗରେ ହେବ ପଞ୍ଚତାରକା ହୋଟେଲ

**ପାରଳାଖେମୁଣ୍ଡି, ୨୬।୪ (ଗିରିଧାରୀ ପରିଛା)**

ମୋହନା ବ୍ଲକ ଜିରାଙ୍ଗ ବୁଦ୍ଧ ମନ୍ଦିର ନିକଟରେ 'ପ୍ରତୀକ୍ଷା' ଗ୍ରୁପ ପକ୍ଷରୁ ଏକ ପଞ୍ଚତାରକା ହୋଟେଲ ନିର୍ମାଣ ହେବ। ଏଥିପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶନିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ ଜିଲା ବିକଶିତ ହେବ। ହୋଟେଲ ଶିଳ୍ପ ମାଧ୍ୟମରେ ଅଞ୍ଚଳରେ ନିଯୁକ୍ତି ସୃଷ୍ଟି ହେବା ସହ ଜିଲାର ବହୁ ଯୁବତୀଯୁବକ ରୋଜଗାରକ୍ଷମ ହୋଇପାରିବେ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଗଜପତି ସ୍ୱତନ୍ତ୍ର ସ୍ଥାନ ହାସଲ କରିବ। ଜିଲାର ସବୁଜବନାନୀ, ପର୍ବତମାଳା, ଜଳପ୍ରପାତ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପର୍ଯ୍ୟଟକମାନଙ୍କ ମଧ୍ୟରେ ଆଗ୍ରହ ରହିଛି । ସେମାନଙ୍କୁ ଆବଶ୍ୟକ ସୁବିଧାସୁଯୋଗ ଯୋଗାଇ ଦେଲେ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ପର୍ଯ୍ୟଟନ ବିଭାଗ ସଚିବ ବଳବନ୍ତ ସିଂହ, ପାରଳା ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଅତିରିକ୍ତ ଜିଲାପାଳ ମୁନୀନ୍ଦ୍ର ହୋନାଗା, ଦିବ୍ୟାସ୍ମିତା ମହାପାତ୍ର, ଇକୋ ଆଟମୋସ୍ପେୟାର ପରିଚାଳନା ନିର୍ଦ୍ଦେଶକ ସୋଭାଗ୍ୟ ମହାପାତ୍ର ଓ ତିବ୍ବତୀୟ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ଇରିଗେଶନ କାର୍ଯ୍ୟାଳୟରେ ନିଆଁ

**ମାଲକାନଗିରି, ୨୬।୪ (ଗୌରିଶଙ୍କର ପଣ୍ଡା)**

ମାଲକାନଗିରି ଜିଲା ସଦରର ପୁରୁଣା ମେଡିକାଲ ଛକ ନିକଟ ସତୀଗୁଡା ଇରିଗେଶନ କାର୍ଯ୍ୟାଳୟ ଗୋଦାମଗୃହ ସମ୍ମୁଖରେ ନିଆଁ ଲାଗିଯାଇ ଏକ ଗଛ ଜଳିଯାଇଛି। ଅଗ୍ନିଶମ ବିଭାଗକୁ ଖବର ଦେବା ପରେ କର୍ମଚାରୀମାନେ ଆସି ନିଆଁକୁ ଆୟତ୍ତ କରିଥିଲେ। କାର୍ଯ୍ୟାଳୟ କିମ୍ବା ଅନ୍ୟ କୌଣସି ଘର ଓ ବ୍ୟକ୍ତି ବିଶେଷଙ୍କ ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ନିଆଁ ଲାଗିବା କାରଣ ଅସ୍ପଷ୍ଟ ରହିଛି। ନିଆଁକୁ ଅଗ୍ନିଶମ ବାହିନୀ ଠିକ ସମୟରେ ଆୟତ୍ତ କରିଥିବାରୁ ଏକ ବଡ଼ଧରଣର ଅଗ୍ନିକାଣ୍ଡରୁ ବିଭାଗୀୟ ଅଫିସ ଅଳ୍ପକେ ବର୍ତ୍ତିଯାଇଛି।



ଅଗ୍ନିଶମ କର୍ମଚାରୀ ନିଆଁକୁ ଲିଭାଉଛନ୍ତି।

# ଆଦିବାସୀ ସଂସ୍କୃତି, ପରମ୍ପରା ସହ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ

**ଜିଲା ଗାଦବା ସମାଜ ବିକାଶ ପରିଷଦ ସମାବେଶ**

**କୋରୁକୋଣ୍ଡା, ୨୬।୪ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମଟାପାଲ୍ଲୀ ପଞ୍ଚାୟତ ଅଧୀନ କାତାପାଲ୍ଲୀ କଲୋନୀରେ ଜିଲା ଗାଦବା ସମାଜ ବିକାଶ ପରିଷଦର ବିଶାଳ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲା ଗାଦବା ସମାଜ ସଭାପତି ଭୀଷ୍ମ ଖିଲଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ସଭାପତି ମାଧବ ବଡ଼ ନାୟକ, ଉପସଭାପତି ରୁକଧର ମୁଣ୍ଡା ଗୁଡିଆ, ସମ୍ପାଦକ ଅଭିମୁଣ୍ଡା ଗୁଡ଼ିଆ ସରପଞ୍ଚ ରାଜେଶ ମାଡକାମୀ, ସମିତିସଭ୍ୟା ମଦନା ପାମିଆ ଓ ଜିତୁ ପାମିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ନେତା ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ।



କାର୍ଯ୍ୟକ୍ରମରେ ଜିଲା ଗାଦବା ସମାଜର ସଦସ୍ୟ ଓ ଅନ୍ୟମାନେ।

ପ୍ରାଚୀନ ଆଦିବାସୀ ସମ୍ପ୍ରଦାୟର ତଥା ଗାଦବା ସମାଜର କଳା, ସଂସ୍କୃତି ଓ ପରମ୍ପରା ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ସବୁ ବର୍ଗର ଲୋକଙ୍କୁ ଏକତ୍ର କରି ପ୍ରାଚୀନ ଆଦିବାସୀ ସମାଜର ସଂସ୍କୃତି ଓ ପରମ୍ପରାକୁ ରୀତିନୀତି ଅନୁସାରେ ଅଞ୍ଚଳର ବିକାଶ ସହ ପିଲାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଞ୍ଚଳ ଓ ସାମଗ୍ରିକ ବିକାଶ ହୋଇପାରିବା ନେଇ ପ୍ରାଧାନ୍ୟ ଦିଆଯାଇଥିଲା। ସମାଜର ବିକାଶ କରିବାକୁ ସର୍ବସମ୍ମତି କ୍ରମେ ଗାଦବା ସମାଜ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଗାଦବା ସମାଜର ବ୍ଲକର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବ୍ଲକ ସଭାପତି ଭାବେ ନନ୍ଦ ଖିଲ, ଉପସଭାପତି ଘାସୀ ଶିସା, ସମ୍ପାଦକ ଜଗନ୍ନାଥ ହନ୍ତାଳ ଓ କୋଷାଧ୍ୟକ୍ଷ ଡମ୍ବରୁଧର ମୁଣ୍ଡାଗୁଡ଼ିଆଙ୍କୁ ଚୟନ କରି ଦାୟିତ୍ୱ ପ୍ରଦାନ କରାଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତରେ ସମାଜର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି।

